ଓଡ଼ିଶା ରାଜ୍ୟ ଏବଂ ଅନ୍ୟମାନେ

ବନାମ

ଗୋପିନାଥ ଦାଶ ଏବଂ ଅନ୍ୟମାନେ

ଡିସେମ୍ବର ୨, 2005

[ଅରିଜିତ୍ ପଶାୟତ ଏବଂ ତରୁଣ ଚାଟାର୍ଜୀ, ନ୍ୟାୟମୂର୍ତ୍ତି ଦ୍ୱୟ]

*ପ୍ରଶାସନିକ ଆଇନ:*

*ରାଜ୍ୟ ଦ୍ୱାରା ନିଆଯାଇଥିବା ନୀତିଗତ ନିର୍ଣ୍ଣୟ - ନ୍ୟାୟିକ ସମୀକ୍ଷା - ପରିସର - ନିର୍ଣ୍ଣୟ: ରାଜ୍ୟର ପ୍ରଶାସନିକ କାର୍ଯ୍ୟକଳାପ ଉପରେ ନ୍ୟାୟାଳୟ ହସ୍ତକ୍ଷେପ କରିବେ ନାହିଁ କିମ୍ବା ଆବେଦନ ପ୍ରାଧିକାରୀ ଭାବରେ ବସିବେ ନାହିଁ ।*

**ବର୍ତ୍ତମାନର ଆବେଦନରେ ବିଚାର ପାଇଁ ଯେଉଁ ପ୍ରଶ୍ନ ଉଠିଛି ତାହା ହେଉଛି ସଶସ୍ତ୍ର ପୋଲିସ କର୍ମଚାରୀଙ୍କୁ ପର୍ଯ୍ୟାୟକ୍ରମେ ବାସଗୃହ ଆବଣ୍ଟନ ପ୍ରସଙ୍ଗରେ ରାଜ୍ୟ ଦ୍ୱାରା ନିଆଯାଇଥିବା ନୀତିଗତ ନିର୍ଣ୍ଣୟ ବେଆଇନ ବୋଲି ଉଚ୍ଚ ନ୍ୟାୟାଳୟ ରାୟ ଦେବା ଯଥାର୍ଥ କି?**

**ଆବେଦନକୁ ଅନୁମତି ଦେଇ ନ୍ୟାୟାଳୟ**

**ନିର୍ଣ୍ଣୟ କଲେ: 1.1. ପ୍ରଶାସନିକ କାର୍ଯ୍ୟାନୁଷ୍ଠାନର ନ୍ୟାୟିକ ସମୀକ୍ଷାର କ୍ଷମତା ପ୍ରୟୋଗ କରୁଥିବାବେଳେ, ନ୍ୟାୟାଳୟ ଆବେଦନ ପ୍ରାଧିକାରୀ ନୁହଁନ୍ତି ଏବଂ ସମ୍ବିଧାନ ନ୍ୟାୟାଳୟକୁ ନୀତି ପ୍ରସଙ୍ଗରେ କାର୍ଯ୍ୟ ନିର୍ବାହୀଙ୍କୁ ନିର୍ଦ୍ଦେଶ କିମ୍ବା ପରାମର୍ଶ ଦେବାକୁ କିମ୍ବା ସମ୍ବିଧାନ ଅଧୀନରେ ଥିବା ବ୍ୟବସ୍ଥାପିକା କିମ୍ବା କାର୍ଯ୍ୟପାଳିକା କ୍ଷେତ୍ରରେ ରହିଥିବା କୌଣସି ବିଷୟରେ ଉପଦେଶ ଦେବାକୁ ଅନୁମତି ଦିଏ ନାହିଁ, ଯଦି ଏହି କର୍ତ୍ତୃପକ୍ଷମାନେ ସେମାନଙ୍କର ସାମ୍ବିଧାନିକ ସୀମା କିମ୍ବା ବୈଧାନିକ କ୍ଷମତାର ଉଲ୍ଲଂଘନ କରନ୍ତି ନାହିଁ । ନ୍ୟାୟିକ ଅନୁସନ୍ଧାନର ପରିସର ଏହି ପ୍ରଶ୍ନ ମଧ୍ୟରେ ସୀମିତ ରହିଛି ଯେ ସରକାରଙ୍କ ଦ୍ୱାରା ନିଆଯାଇଥିବା ନିର୍ଣ୍ଣୟ କୌଣସି ବୈଧାନିକ ବ୍ୟବସ୍ଥା ବିରୁଦ୍ଧରେ କି କିମ୍ବା ଏହା ନାଗରିକଙ୍କ ମୌଳିକ ଅଧିକାରକୁ ଉଲ୍ଲଂଘନ କରେ କି କିମ୍ବା ସମ୍ବିଧାନର ବ୍ୟବସ୍ଥାଗୁଡ଼ିକୁ ବିରୋଧ କରେ କି । ତେଣୁ, ସ୍ଥିତି ହେଉଛି ଯେ ଯଦିଓ ସରକାରଙ୍କ ଦ୍ୱାରା ନିଆଯାଇଥିବା ନିର୍ଣ୍ଣୟ ନ୍ୟାୟାଳୟଙ୍କର ସହମତ ବୋଲି ଜଣାପଡ଼େ ନାହିଁ, ତଥାପି ଏହା ହସ୍ତକ୍ଷେପ କରିପାରିବ ନାହିଁ ।**

*ଆସିଫ୍ ହମିଦ୍* ବନାମ *ଜମ୍ମୁ ଓ କଶ୍ମୀର ରାଜ୍ୟ,* **AIR (1989) SC 1899** ଏବଂ *ଶ୍ରୀ ସୀତାରାମ ସୁଗାର୍ କୋ.* ବନାମ *ଭାରତ ସଂଘ ସରକାର,* **AIR (1990) SC 1277** ଉପରେ ନିର୍ଭରଶୀଳତା ରଖାଯାଇଛି ।

**1.2.** ନୀତିଗତ ନିର୍ଣ୍ଣୟ ସରକାରଙ୍କ ଉପରେ ଛାଡ଼ିଦେବା ଉଚିତ କାରଣ ବିଭିନ୍ନ ଦିଗରୁ ସମସ୍ତ ପ୍ରସଙ୍ଗ ବିଚାର କରିବା ପରେ କେଉଁ ନୀତି ଗ୍ରହଣ କରାଯିବା ଉଚିତ ତାହା କେବଳ ସରକାର ନିର୍ଣ୍ଣୟ ନେଇପାରିବେ । ନୀତିଗତ ନିର୍ଣ୍ଣୟ କିମ୍ବା ସରକାରଙ୍କ ଦ୍ୱାରା ବିବେଚନାର ପ୍ରୟୋଗ ପ୍ରସଙ୍ଗରେ, ଯେପର୍ଯ୍ୟନ୍ତ ମୌଳିକ ଅଧିକାରର ଉଲ୍ଲଂଘନ ଦର୍ଶାଯାଇନାହିଁ, ନ୍ୟାୟାଳୟର ହସ୍ତକ୍ଷେପ କରିବାର କୌଣସି ସୁଯୋଗ ରହିବ ନାହିଁ ଏବଂ ନ୍ୟାୟାଳୟ ଏପରି ପ୍ରସଙ୍ଗରେ କାର୍ଯ୍ୟନିର୍ବାହୀଙ୍କ ରାୟ

ପାଇଁ ନିଜର ରାୟକୁ ବଦଳାଇବେ ନାହିଁ ଏବଂ ବଦଳାଇବା ଉଚିତ ନୁହେଁ । ସରକାରଙ୍କ ନିର୍ଣ୍ଣୟର ଯଥାର୍ଥତା ଆକଳନ କରିବାରେ ନ୍ୟାୟାଳୟ ହସ୍ତକ୍ଷେପ କରିପାରିବେ ନାହିଁ, ଯଦିଓ ସରକାରଙ୍କଠାରୁ ଦ୍ୱିତୀୟ ମତର ସମ୍ଭାବ୍ୟତା ରହିଛି ।

*ମେଟ୍ରୋପୋଲିସ୍ ଥିଏଟର କମ୍ପାନୀ* **ବନାମ** *ସିଟି ଅଫ୍ ଚିକାଗୋ*, **(1912) 57 L Ed 730, ଉଲ୍ଲେଖ କରାଯାଇଛି ।**

**ଦେୱାନୀ ଆବେଦନ ଅଧିକାରିତା** : ଦେୱାନୀ ଆବେଦନ ସଂଖ୍ୟା 2272/1998 ।

ଓ.ଜେ.ସି. ସଂଖ୍ୟା 3193/1992 ରେ ଓଡ଼ିଶା ଉଚ୍ଚ ନ୍ୟାୟାଳୟଙ୍କର ତା ୫.୫.96 ରିଖର ରାୟ ଏବଂ ଆଦେଶରୁ ।

ଆବେଦନକାରୀମାନଙ୍କ ପାଇଁ ଜନ କଲ୍ୟାଣ ଦାସ ।

ଉତ୍ତରଦାତାମାନଙ୍କ ପାଇଁ ଅରୁଣେଶ୍ୱର ଗୁପ୍ତା (ଏନ୍.ପି.) ।

ନ୍ୟାୟାଳୟଙ୍କର ରାୟ **ନ୍ୟାୟମୂର୍ତ୍ତି ଅରିଜିତ ପଶାୟତ**ଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା :

ଏହି ଆବେଦନରେ ପର୍ଯ୍ୟାୟକ୍ରମ ଆଧାରରେ ବାସଗୃହ ଆବଣ୍ଟନ ପ୍ରସଙ୍ଗରେ ରାଜ୍ୟ ଦ୍ୱାରା ନିଆଯାଇଥିବା ନୀତିଗତ ରାୟ ବେଆଇନ ବୋଲି ବିଚାର କରି ଓଡ଼ିଶା ଉଚ୍ଚ ନ୍ୟାୟାଳୟଙ୍କର ଏକ ଦୁଇଜଣିଆ ନ୍ୟାୟମୂର୍ତ୍ତିଙ୍କ ଖଣ୍ଡପୀଠ ଦ୍ୱାରା ଦିଆଯାଇଥିବା ରାୟକୁ ଆପତ୍ତି କରାଯାଇଛି ।

ଆବେଦନକାରୀଙ୍କ ଦ୍ୱାରା ଉପସ୍ଥାପିତ ତଥ୍ୟଗତ ପୃଷ୍ଠଭୂମିର ସଂକ୍ଷିପ୍ତ ରୂପରେଖ ନିମ୍ନରେ ଦିଆଗଲା:-

ସମସ୍ତ ଓଡ଼ିଶା ରାଜ୍ୟ ସଶସ୍ତ୍ର ପୋଲିସ କର୍ମଚାରୀଙ୍କୁ ସର୍ବନିମ୍ନ ତିନି ବର୍ଷ ପାଇଁ ବାସଗୃହ ଆବଣ୍ଟନ କରାଯିବାର ନୀତିଗତ ନିର୍ଣ୍ଣୟକୁ ଆଗକୁ ବଢ଼ାଇବା ପାଇଁ ଉପ-ଆରକ୍ଷୀ ମହାନିରୀକ୍ଷକ ତାଙ୍କ D.O. ଚିଠି ସଂଖ୍ୟା 4322/SAP ମାଧ୍ୟମରେ ଏକ କାର୍ଯ୍ୟକାରୀ ଆଦେଶ ପାରିତ କରିଥିଲେ । ପାରିବାରିକ ଆବାସ ଅଭାବକୁ ଦୃଷ୍ଟିରେ ରଖି ଏହି ଆଦେଶ ପାରିତ କରାଯାଇଥିଲା, ଯାହା ପ୍ରାସଙ୍ଗିକ ସମୟରେ ଓଡ଼ିଶା ରାଜ୍ୟ ସଶସ୍ତ୍ର ପୋଲିସ ବାଟାଲିଅନ୍ ପାଇଁ ଏକ ଗୁରୁତର ସମସ୍ୟା ଥିଲା । ପ୍ରତ୍ୟେକ ପୋଲିସ କର୍ମଚାରୀ ଯେପରି ଭଡ଼ା-ମୁକ୍ତ ଆବାସ ସୁବିଧା ଉପଭୋଗ କରିପାରିବେ ତାହା ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ ମଧ୍ୟ ଏହା କରାଯାଇଥିଲା ଏବଂ ସେଥିପାଇଁ ଏହା ପର୍ଯ୍ୟାୟକ୍ରମେ କରାଯାଇଥିଲା । ଦୀର୍ଘ ସମୟ ଧରି ଏହି କାର୍ଯ୍ୟ ପଦ୍ଧତି ନିରବଚ୍ଛିନ୍ନ ଭାବେ ଜାରି ରହିଥିଲା । ସାମରିକ ପୋଲିସ ପ୍ରତିଷ୍ଠାନଗୁଡ଼ିକ ସାଧାରଣତଃ ଏକ ପୃଥକ ଶିବିରରେ କାର୍ଯ୍ୟ କରନ୍ତି, ଯେଉଁଠାରେ କି ସମସ୍ତ କର୍ମଚାରୀଙ୍କୁ ଦିଆଯିବାକୁ ଥିବା ଆବାସିକ ଆବାସ ପ୍ରଦାନ ପାଇଁ ବ୍ୟବସ୍ଥା ରହିଛି । ତେଣୁ, କର୍ମଚାରୀମାନଙ୍କୁ ଏକ ନିର୍ଦ୍ଦିଷ୍ଟ ଅବଧି ପାଇଁ ବାସଗୃହ ଯୋଗାଇ ଦେବା ଏବଂ ସେହି ଅବଧି ସମାପ୍ତ ହେବା ପରେ ସେମାନଙ୍କୁ ବାସଗୃହ ଖାଲି କରିବାକୁ ପଡିବ ବୋଲି ସୁନିଶ୍ଚିତ କରିବା ପାଇଁ ଏହି ବ୍ୟବସ୍ଥା ବିକଶିତ କରାଯାଇଥିଲା । ଏହା ଦ୍ୱାରା ବାସଗୃହରୁ ବଞ୍ଚିତ ଅନ୍ୟ କର୍ମଚାରୀମାନେ ଖାଲି ହେଉଥିବା ଏପରି ଆବାସ ପାଇପାରିବେ । ନିଯୁକ୍ତିଦାତା ଏବଂ କର୍ମଚାରୀମାନଙ୍କ ମଧ୍ୟରେ ଚୁକ୍ତିଭିତ୍ତିକ ରାଜିନାମା ସ୍ୱାକ୍ଷରିତ ହୋଇଥିଲା, ଯେତେବେଳେ ସେମାନଙ୍କୁ ସରକାରୀ ଆବାସ ଦିଆଯାଇଥିଲା । ଏହି ଆଦେଶର ବୈଧତା ଉପରେ ପ୍ରଶ୍ନ ଉଠାଇ ଉତ୍ତରଦାତାମାନେ ଇତିମଧ୍ୟରେ ମୃତ୍ୟୁବରଣ କରିଥିବା ଜଣେ କୀର୍ତ୍ତନ ବିହାରୀ ସ୍ୱାଇଁଙ୍କ ସହ ଓଡ଼ିଶା ପ୍ରଶାସନିକ ନ୍ୟାୟାଧିକରଣଙ୍କ (ସଂକ୍ଷେପରେ 'ନ୍ୟାୟାଧିକରଣ') ସମ୍ମୁଖରେ ଏକ ମୂଳ ଆବେଦନ ଦାଖଲ କରିଥିଲେ । ଏହା ଓ.ଏ. ସଂଖ୍ୟା 758/1989 ଭାବରେ ପଞ୍ଜୀକୃତ ହୋଇଥିଲା । ଆବେଦନରେ ବାସଗୃହ

ଆବଣ୍ଟନର ପର୍ଯ୍ୟାୟକ୍ରମ ବ୍ୟବସ୍ଥା ଉପରେ ଆପତ୍ତି ଥିଲା । ପରବର୍ତ୍ତୀ ସମୟରେ, ବାସଗୃହ ଆବଣ୍ଟନ ବ୍ୟବସ୍ଥାକୁ ଆପତ୍ତି କରି ଆଉ ଏକ ଆବେଦନ ଦାଖଲ କରାଯାଇଥିଲା । ଏହାକୁ ଓ. ଏ. 1250/1991 ଭାବେ ପଞ୍ଜୀକୃତ କରାଯାଇଥିଲା । ନ୍ୟାୟାଧିକରଣ OA ସଂଖ୍ୟା 758/1989 କୁ ଖାରଜ କରି କହିଛନ୍ତି ଯେ ଏହି ମାମଲା ଉପରେ ବିଚାର କରିବାର କୌଣସି ଅଧିକାରିତା ତାଙ୍କର ନଥିଲା କାରଣ ଏହା ବାସଗୃହ ଆବଣ୍ଟନ ସମ୍ବନ୍ଧୀୟ ଏକ ବିବାଦ ଯାହା ଓଡ଼ିଶା ସେବା ସଂହିତା (ସଂକ୍ଷେପରେ 'ସେବା ସଂହିତା') ରେ ପ୍ରଦାନ କରାଯାଇଥିବା ସ୍ୱତନ୍ତ୍ର ଆବାସ ନିୟମ ଦ୍ୱାରା ଅନ୍ତର୍ଭୁକ୍ତ ନୁହେଁ । ମୂଳ ଆବେଦନ ସଂଖ୍ୟା 1250/1991 ରେ ବାସଗୃହ ଆବଣ୍ଟନ କରିବାର ପର୍ଯ୍ୟାୟକ୍ରମ ବ୍ୟବସ୍ଥା କର୍ମଚାରୀଙ୍କ ସ୍ୱାର୍ଥରେ ଥିଲା ବୋଲି ତର୍ଜମା କରିବା ପରେ, ଅନ୍ୟ ମୂଳ ଆବେଦନକୁ ଖାରଜ କରାଯାଇଥିବା ଦୃଷ୍ଟିରୁ ନ୍ୟାୟାଧିକରଣ ଆବେଦନକୁ ଖାରଜ କରିଦେଇଥିଲେ । ଏହା କୁହାଯାଇଥିଲା ଯେ ଯେହେତୁ ବାସଗୃହଗୁଡ଼ିକ ଚୁକ୍ତିଭିତ୍ତିକ ଆବଣ୍ଟନ ଦ୍ୱାରା ଆବଣ୍ଟିତ ହୋଇଥିଲା, ସ୍ୱତନ୍ତ୍ର ଆବାସ ନିୟମ ଲାଗୁ ହୁଏ ନାହିଁ । ଏହା ପରେ 21 ଜଣ ବ୍ୟକ୍ତି ଉଚ୍ଚ ନ୍ୟାୟାଳୟଙ୍କଠାରେ ରିଟ୍ ଆବେଦନ ଦାଖଲ କରିଥିଲେ, ଯାହା ଓ.ଜେ.ସି. ସଂଖ୍ୟା 6383/1992 ଭାବରେ ପଞ୍ଜୀକୃତ ହୋଇଥିଲା । ରିଟ୍ ଆବେଦନକାରୀଙ୍କ ମଧ୍ୟରୁ ଜଣେ ଥିଲେ ପଞ୍ଚୁ ସାହୁ ଯିଏ ଓ.ଏ. ସଂଖ୍ୟା 1250/1991 ରେ ଆବେଦନକାରୀଙ୍କ ମଧ୍ୟରୁ ଜଣେ ଥିଲେ । ଓ. ଏ. ସଂଖ୍ୟା 758/1989 କୁ ଖାରଜ କରାଯିବା ପରେ, ନ୍ୟାୟାଧିକରଣଙ୍କ ସମ୍ମୁଖରେ ଆବେଦନକାରୀମାନେ ଓ.ଜେ.ସି. ସଂଖ୍ୟା 3193/1992 ଭାବରେ ରିଟ୍ ଆବେଦନ ଦାଖଲ କରିଥିଲେ । ରିଟ୍ ଆବେଦନ ସଂଖ୍ୟା 6383/1992 କୁ 7.7.1994 ରେ ପ୍ରତ୍ୟାହାର କରାଯାଇଥିବା ଦୃଷ୍ଟିରେ ଖାରଜ କରାଯାଇଥିଲା । ଦୁଇଜଣିଆ ନ୍ୟାୟମୂର୍ତ୍ତିଙ୍କ ଖଣ୍ଡପୀଠ ଏହା ଲକ୍ଷ୍ୟ କରିଥିଲେ ଯେ ଖଣ୍ଡପୀଠ ରିଟ୍ ଆବେଦନକୁ ଗ୍ରହଣ କରିବାକୁ ଆଗ୍ରହୀ ନ ଥିବାରୁ ରିଟ୍-ଆବେଦନକାରୀମାନେ ଏହି ଆବେଦନକୁ ପ୍ରତ୍ୟାହାର କରିବାକୁ ଚାହୁଁଥିଲେ । ରିଟ୍ ଆବେଦନ ସଂଖ୍ୟା ଓ.ଜେ.ସି. 3193/1992 ରେ ଉଚ୍ଚ ନ୍ୟାୟାଳୟ ନିଜର ତା ୪.୪.1996 ରିଖର ଆକ୍ଷେପିତ ରାୟରେ କହିଥିଲେ ଯେ ପର୍ଯ୍ୟାୟକ୍ରମେ ବାସଗୃହ ଆବଣ୍ଟନ ସମ୍ବନ୍ଧୀୟ ନୀତିଗତ ନିର୍ଣ୍ଣୟ ଔଚିତ୍ୟ ଏବଂ ନିରପେକ୍ଷତା ସହିତ ଅସଙ୍ଗତ ଏବଂ ବିପରୀତ ଥିଲା ।

ଆବେଦନକୁ ସମର୍ଥନ କରି, ଆବେଦନକାରୀଙ୍କ ପାଇଁ ବିଜ୍ଞ ଓକିଲ ନିବେଦନ କରିଥିଲେ ଯେ ଉଚ୍ଚ ନ୍ୟାୟାଳୟଙ୍କର ଆଭିମୁଖ୍ୟ ସ୍ପଷ୍ଟ ଭାବରେ ଭୁଲ ଅଟେ । ଏହା ଲକ୍ଷ୍ୟ କରିବାରେ ବିଫଳ ହେଲେ ଯେ ସରକାରଙ୍କ ନୀତିଗତ ନିର୍ଣ୍ଣୟ ଉପରେ ହାଲୁକା ଭାବେ ହସ୍ତକ୍ଷେପ କରାଯିବା ଉଚିତ ନୁହେଁ । ଉଚ୍ଚ ନ୍ୟାୟାଳୟ ଏହି ନୀତିଗତ ନିର୍ଣ୍ଣୟକୁ ରଦ୍ଦ କରିବା ପାଇଁ କୌଣସି ଯଥାର୍ଥ କାରଣ ଦର୍ଶାଇନଥିଲେ ।

ଉତ୍ତରଦାତାମାନଙ୍କ ତରଫରୁ କୌଣସି ହାଜିରା ନାହିଁ । ଏହି ନ୍ୟାୟାଳୟଙ୍କର ତା 8.5.1997 ରିଖର ଆଦେଶ ଦ୍ୱାରା ଆକ୍ଷେପିତ ରାୟର କାର୍ଯ୍ୟକାରିତାକୁ ସ୍ଥଗିତ ରଖାଯାଇଥିଲା ।

ପ୍ରଶାସନିକ କାର୍ଯ୍ୟାନୁଷ୍ଠାନର ନ୍ୟାୟିକ ସମୀକ୍ଷାର କ୍ଷମତା ପ୍ରୟୋଗ କରୁଥିବାବେଳେ, ନ୍ୟାୟାଳୟ ଅପିଲ ପ୍ରାଧିକାରୀ ନୁହଁନ୍ତି ଏବଂ ସମ୍ବିଧାନ ନ୍ୟାୟାଳୟକୁ ନୀତି ପ୍ରସଙ୍ଗରେ କାର୍ଯ୍ୟ ନିର୍ବାହୀଙ୍କୁ ନିର୍ଦ୍ଦେଶ କିମ୍ବା ପରାମର୍ଶ ଦେବାକୁ କିମ୍ବା ସମ୍ବିଧାନ ଅଧୀନରେ ଥିବା ବ୍ୟବସ୍ଥାପିକା କିମ୍ବା କାର୍ଯ୍ୟପାଳିକା କ୍ଷେତ୍ରରେ ରହିଥିବା କୌଣସି ବିଷୟରେ ଉପଦେଶ ଦେବାକୁ ଅନୁମତି ଦିଏ ନାହିଁ, ଯଦି ଏହି କର୍ତ୍ତୃପକ୍ଷ ସେମାନଙ୍କର ସାମ୍ବିଧାନିକ ସୀମା କିମ୍ବା ବୈଧାନିକ କ୍ଷମତାର ଉଲ୍ଲଂଘନ କରନ୍ତି ନାହିଁ । (*ଅଶିଫ ହମିଦ* ବନାମ *ଜମ୍ମୁ କାଶ୍ମୀର ରାଜ୍ୟ* AIR (1989) SC 1899, *ଶ୍ରୀ ସୀତାରାମ ସୁଗାର କୋ.* ବନାମ *ଭାରତ ସଂଘ ସରକାର* AIR (1990) SC 1277 ଦେଖନ୍ତୁ) ନ୍ୟାୟିକ ଅନୁସନ୍ଧାନର ପରିସର ଏହି ପ୍ରଶ୍ନ ମଧ୍ୟରେ ସୀମିତ ରହିଛି ଯେ ସରକାରଙ୍କ ଦ୍ୱାରା

ନିଆଯାଇଥିବା ନିର୍ଣ୍ଣୟ କୌଣସି ବୈଧାନିକ ବ୍ୟବସ୍ଥା ବିରୁଦ୍ଧରେ କି କିମ୍ବା ଏହା ନାଗରିକଙ୍କ ମୌଳିକ ଅଧିକାରକୁ ଉଲ୍ଲଂଘନ କରେ କି କିମ୍ବା ସମ୍ବିଧାନର ବ୍ୟବସ୍ଥାଗୁଡ଼ିକୁ ବିରୋଧ କରେ କି । ତେଣୁ, ସ୍ଥିତି ହେଉଛି ଯେ ଯଦିଓ ସରକାରଙ୍କ ଦ୍ୱାରା ନିଆଯାଇଥିବା ନିର୍ଣ୍ଣୟ ନ୍ୟାୟାଳୟଙ୍କର ସହମତ ବୋଲି ଜଣାପଡ଼େ ନାହିଁ, ତଥାପି ଏହା ହସ୍ତକ୍ଷେପ କରିପାରିବେ ନାହିଁ ।

ଯେଉଁ କାରଣ ଗୁଡ଼ିକ ସରକାରଙ୍କୁ ନିର୍ଣ୍ଣୟ ନେବାରେ ଗୋଟିଏ ପରିବର୍ତ୍ତେ ଅନ୍ୟ ଗୋଟିଏ ପଦକ୍ଷେପ ନେବାକୁ ପ୍ରବର୍ତ୍ତାଇଥିଲା, ତାହାର ସଠିକତା ନ୍ୟାୟିକ ସମୀକ୍ଷାରେ ଚିନ୍ତାର ବିଷୟ ନୁହେଁ ଏବଂ ଏପରି ତଦନ୍ତ ପାଇଁ ନ୍ୟାୟାଳୟ ଉପଯୁକ୍ତ ମଞ୍ଚ ନୁହେଁ ।

ନୀତିଗତ ନିର୍ଣ୍ଣୟ ସରକାରଙ୍କ ଉପରେ ଛାଡ଼ିଦେବା ଉଚିତ, କାରଣ ବିଭିନ୍ନ ଦିଗରୁ ସମସ୍ତ ପ୍ରସଙ୍ଗକୁ ବିଚାର କରିବା ପରେ କେଉଁ ନୀତି ଗ୍ରହଣ କରାଯିବା ଉଚିତ ତାହା କେବଳ ସରକାର ହିଁ ଗ୍ରହଣ କରିପାରିବେ । ନୀତିଗତ ନିର୍ଣ୍ଣୟ କିମ୍ବା ସରକାରଙ୍କ ଦ୍ୱାରା ବିବେଚନାର ପ୍ରୟୋଗ ପ୍ରସଙ୍ଗରେ, ଯେପର୍ଯ୍ୟନ୍ତ ମୌଳିକ ଅଧିକାରର ଉଲ୍ଲଂଘନ ଦର୍ଶାଯାଇନାହିଁ, ନ୍ୟାୟାଳୟର ହସ୍ତକ୍ଷେପ କରିବାର କୌଣସି ସୁଯୋଗ ରହିବ ନାହିଁ ଏବଂ ନ୍ୟାୟାଳୟ ଏପରି ପ୍ରସଙ୍ଗରେ କାର୍ଯ୍ୟନିର୍ବାହୀଙ୍କ ରାୟ ପାଇଁ ନିଜର ରାୟକୁ ବଦଳାଇବେ ନାହିଁ ଏବଂ ବଦଳାଇବା ଉଚିତ ନୁହେଁ । ସରକାରଙ୍କ ନିର୍ଣ୍ଣୟର ଯଥାର୍ଥତା ଆକଳନ କରିବାରେ ନ୍ୟାୟାଳୟ ହସ୍ତକ୍ଷେପ କରିପାରିବେ ନାହିଁ, ଯଦିଓ ସରକାରଙ୍କଠାରୁ ଦ୍ୱିତୀୟ ମତର ସମ୍ଭାବ୍ୟତା ରହିଛି ।

*ମେଟ୍ରୋପୋଲିସ୍ ଥିଏଟର କମ୍ପାନୀ* ବନାମ *ସିଟି ଅଫ୍ ଚିକାଗୋ*, (1912) 57 L Ed 730 ରେ ଆମେରିକାର ସର୍ବୋଚ୍ଚ ନ୍ୟାୟାଳୟ କ'ଣ କହିଥିଲେ ତାହାକୁ ନ୍ୟାୟାଳୟ କ୍ରମାଗତ ଭାବରେ ମନେ ପକାଇବା ଉଚିତ୍ । "ସରକାରଙ୍କ ସମସ୍ୟା ଗୁଡ଼ିକ ବ୍ୟବହାରିକ ଏବଂ ଯଦି ସେଗୁଡ଼ିକର ଆବଶ୍ୟକତା ନଥାଏ, ତେବେ ଏହା ଅଯଥା ସୁପାରିଶ, ଯାହା ଅଯୌକ୍ତିକ ଏବଂ ଅବୈଜ୍ଞାନିକ ହୋଇପାରେ, ତାହାକୁ ପ୍ରତିପାଦନ କରିପାରେ । କିନ୍ତୁ ଏଭଳି ସମାଲୋଚନା ମଧ୍ୟ ତରବରିଆ ଭାବେ ପ୍ରକାଶ କରାଯିବା ଉଚିତ ନୁହେଁ । ଯାହା ସର୍ବୋତ୍ତମ ତାହା ସର୍ବଦା ସ୍ପଷ୍ଟ ନୁହେଁ, ଯେକୌଣସି ପସନ୍ଦର ବିଜ୍ଞତା ବିବାଦୀୟ କିମ୍ବା ନିନ୍ଦିତ ହୋଇପାରେ । କେବଳ ସରକାରଙ୍କ ତ୍ରୁଟିଗୁଡ଼ିକ ଆମର ନ୍ୟାୟିକ ସମୀକ୍ଷାର ବିଷୟ ନୁହେଁ ।

ଯେତେଦୂର ପ୍ରାସଙ୍ଗିକ, ଆଶ୍ୱସ୍ତି ପ୍ରଦାନ କରିବା ପାଇଁ ଉଚ୍ଚ ନ୍ୟାୟାଳୟଙ୍କ ସିଦ୍ଧାନ୍ତ ନିମ୍ନରେ ଦିଆଗଲା:

> "4. ଆବେଦନକାରୀଙ୍କ ଦ୍ୱାରା କରାଯାଇଥିବା ଯୁକ୍ତି ଏବଂ ବିରୋଧୀ ପକ୍ଷଙ୍କ ଯୁକ୍ତିକୁ ସମର୍ଥନ କରି ବିଜ୍ଞ ସରକାରୀ ଓକିଲଙ୍କ ଦ୍ୱାରା କରାଯାଇଥିବା ଯୁକ୍ତିକୁ ଆମେ ଅତ୍ୟନ୍ତ ଧୈର୍ଯ୍ୟର ସହ ଶୁଣିଛୁ । ବାସଗୃହର ଅଭାବ ସନ୍ଦେହ କିମ୍ବା ବିବାଦର ବିଷୟ ନୁହେଁ । କେବଳ ତିନି ବର୍ଷ ପାଇଁ ବାସଗୃହ ଆବଣ୍ଟନ କରିବାର ନୀତି ବ୍ୟବହାରିକ, ନିରପେକ୍ଷ ଏବଂ ଯୁକ୍ତିସଙ୍ଗତ କି, ଏହାକୁ ଆମେ ନ୍ୟାୟିକ ଭାବରେ ଯାଞ୍ଚ କରିବା । ଯଦି ବାସଗୃହର ଅଭାବ ରହିଛି, ତେବେ ଆବଣ୍ଟନକୁ କାହିଁକି କ୍ରମିକ ଭାବରେ କରାଯିବ ଏବଂ ଯୋଗ୍ୟତା ମାନଦଣ୍ଡକୁ ଧ୍ୟାନରେ ରଖି ଉପଲବ୍ଧ ହେଉଥିବା ବେଳେ ସେହି ସ୍ଥାନରେ ସମ୍ପୃକ୍ତ ବ୍ୟକ୍ତିଙ୍କ ନିଯୁକ୍ତିର ନିରନ୍ତରତା ସତ୍ତ୍ୱେ ସେହି ଆବଣ୍ଟନ ଏକ ସୀମିତ ଅବଧି ପାଇଁ କାହିଁକି ହେବା ଉଚିତ, ତାହାକୁ ଆମେ ସମର୍ଥନ କରୁନାହୁଁ । ଜଣେ ବ୍ୟକ୍ତିଙ୍କୁ ବଦଳି କରାଯାଇପାରେ, ତାଙ୍କୁ ତୁରନ୍ତ ବାସଗୃହ ଖାଲି କରିବାକୁ କୁହାଯାଇପାରେ । ଜଣେ ବ୍ୟକ୍ତି ଅବସର ନିଅନ୍ତି ଏବଂ/କିମ୍ବା ତାଙ୍କ ସେବା ବନ୍ଦ ହୋଇଯାଏ, ଏହା ତର୍ଜମା କରାଯାଇପାରେ ଯେ ସେ ତୁରନ୍ତ ବାସଗୃହ ଖାଲି କରିବା ଉଚିତ୍ । କିନ୍ତୁ ଯେତେବେଳେ ଜଣେ ବ୍ୟକ୍ତି ନିଯୁକ୍ତ ରହିଥାନ୍ତି, ତାଙ୍କ କାର୍ଯ୍ୟକାଳ ଜାରି ରହିବା ସତ୍ତ୍ୱେ ତିନି ବର୍ଷ ପରେ ବାସଗୃହ ଖାଲି କରିବା

ନିଶ୍ଚିତ ଭାବରେ ନ୍ୟାୟସଙ୍ଗତ, ସମର୍ଥନଯୋଗ୍ୟ କିମ୍ବା ଯୁକ୍ତିଯୁକ୍ତ ନୁହେଁ । ବାରମ୍ବାର ପ୍ରଶ୍ନ ଉପରେ ଆମକୁ କୌଣସି ସନ୍ତୋଷଜନକ ବ୍ୟାଖ୍ୟା ଦିଆଯାଇନାହିଁ । ଏହି ନୀତି ପଛରେ ଅନ୍ତିମ ଲକ୍ଷ୍ୟ କ'ଣ, ଅସନ୍ତୋଷକୁ ଏଡ଼ାଇବା କିମ୍ବା ସମସ୍ତଙ୍କୁ ଖୁସି କରିବା । ଏଭଳି ନୀତି ନିରପେକ୍ଷତା ଏବଂ ନ୍ୟାୟପରାୟଣତାର ପରୀକ୍ଷାକୁ ପୂରଣ କରିନଥାଏ ।

5. ବିସ୍ତୃତ ବିବରଣୀକୁ ଅନୁଧ୍ୟାନ କରିବା ପରେ ଏବଂ ଆରୋପ ଏବଂ ପ୍ରତିଆରୋପକୁ ବିଚାର କରିବା ପରେ, ଆମେ ଜାଣିବାକୁ ପାଇଲୁ ଯେ ଆବେଦନକାରୀଙ୍କ ଅଭିଯୋଗ ଯଥାର୍ଥ ଅଟେ । ଯଦି ଆବେଦନକାରୀମାନେ କଟକରେ ଅବସ୍ଥାପିତ ରହିଥାନ୍ତି ଏବଂ ସେମାନଙ୍କର ଯୋଗ୍ୟତା ବିଚାର କରିବା ପରେ ସେମାନଙ୍କୁ ବାସଗୃହ ଯୋଗାଇ ଦିଆଯାଇଥାଏ, ତେବେ ସେମାନଙ୍କର ସେବା ବନ୍ଦ ନହେବା ପର୍ଯ୍ୟନ୍ତ କିମ୍ବା ସେମାନଙ୍କୁ ଅନ୍ୟତ୍ର ସ୍ଥାନାନ୍ତର ନକରିବା ପର୍ଯ୍ୟନ୍ତ ସେମାନଙ୍କୁ ବାସଗୃହ ଖାଲି କରିବାକୁ କୁହାଯାଇପାରିବ ନାହିଁ । ଏହି ପର୍ଯ୍ୟାୟକ୍ରମ ଆବଣ୍ଟନ ନ୍ୟାୟପରାୟଣତା ଏବଂ ନିରପେକ୍ଷତାର ବିପରୀତ ଏବଂ ଅସଙ୍ଗତ ବୋଲି ଜଣାପଡ଼େ" ।

ଉପରୋକ୍ତ ଆଇନଗତ ନୀତିଗୁଡ଼ିକର ପୃଷ୍ଠଭୂମିକୁ ବିଚାରକୁ ନେଲେ, ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ସୂଚିତ କାରଣଗୁଡ଼ିକ ହେତୁ ଉଚ୍ଚ ନ୍ୟାୟାଳୟଙ୍କର ସିଦ୍ଧାନ୍ତଗୁଡ଼ିକ ରକ୍ଷଣାତ୍ମକ ବୋଲି ପ୍ରତୀୟମାନ ହୁଏନାହିଁ ।

ଏଭଳି ପରିସ୍ଥିତିରେ ଉଚ୍ଚ ନ୍ୟାୟାଳୟଙ୍କ ରାୟକୁ ରଦ୍ଦ କରାଯାଇଛି । ଯଦି ନୀତିଗତ ନିର୍ଣ୍ଣୟରେ କୌଣସି ପରିବର୍ତ୍ତନ ହୋଇଛି, ବର୍ତ୍ତମାନର ନିର୍ଣ୍ଣୟ ସତ୍ତ୍ୱେ, ତାହା କାର୍ଯ୍ୟକାରୀ ହେବ ।

ଖର୍ଚ୍ଚ ସମ୍ବନ୍ଧରେ କୌଣସି ଆଦେଶ ବିନା ଆବେଦନକୁ ଅନୁମତି ଦିଆଯାଇଛି ।

ଡି. ଜି. ଆବେଦନକୁ ଅନୁମତି ଦିଆଯାଇଛି ।

**<u>ଅସ୍ୱୀକରଣ</u>**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ | ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ |"

*Translated by:*
ସୁବୋଧ ରାଉତ,
ଅନୁବାଦକ,
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।